# ବହୁଦର୍ଶୀ ବାଞ୍ଛାନିଧି

ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

୧୯୨୧ ମସିହାରେ ବାଞ୍ଛାନିଧିଙ୍କର ଆହ୍ୱାନକ୍ରମେ ଉତ୍କଳମଣି ଗୋପବନ୍ଧୁ ଦାସ ଭଦ୍ରକସ୍ଥ ବାସୁଦେବପୁର ଅଂଚଳର ଇରମ ଗ୍ରାମକୁ ଯାଇଥିଲେ । ଗୋଟିଏ ବିରାଟ ସଭାର ଉତ୍କଳମଣି ଭାଷଣ ଦେଲାବେଳେ ତାଙ୍କର ଆଶୁ କବିତ୍ୱ ସ୍ୱତଃ ପ୍ରକାଶିତ ହୋଇଥିଲା ।

ଦେଶ ଜାତି ପ୍ରୀତି ସତସ୍ୱତୀ ନଦୀ
ବହୁଛି ଇରମ ଶତମାର୍ଗ ଭେଦି ।
ଏ ଅନ୍ତଃ ସଲିଳା ସମଗ୍ର ଭାରତେ
ଜାତୀୟତା ଧାରା ବହିବ ନିରତେ ।
ଜାତୀୟ କବିତା ତରୀ ଇରମରେ
ଭାସଯିବ ଦିନେ ଦେଶ ଦେଶାନ୍ତରେ ।

ସେଦିନର ସେହି ଅଗ୍ନିବର୍ଷଣର  ସତ୍ୟରେ ପରିଣତ ହେଲା । କବି କେବଳ ସ୍ରଷ୍ଟା ନୁହଁନ୍ତି, ଦ୍ରଷ୍ଟା ମଧ୍ୟ । ଉତ୍କଳମଣିଙ୍କର ପୁରୋଦୃଷ୍ଟି ସମ୍ପନ୍ନ ସେହି ଉଦାର ବାଣୀ ସାର୍ଥକ ହୋଇଥିଲା ଭାରତ ଛାଡ଼ ଆନ୍ଦୋଳନ ସମୟରେ । ଇରମରେ ଏକ ସ୍ୱାଧୀନ ସରକାର ପ୍ରତିଷ୍ଠିତ ହୋଇଥିବାରୁ ସେଠାକାର ଅଧିବାସୀମାନଙ୍କ ମନରେ ଯେଉଁ ଅନନ୍ୟ ଦେଶପ୍ରେମ ଜାଗ୍ରତ ହୋଇଥିଲା ତାହା ହିଁ ଫଳଶ୍ରୁତି ଇରମ ଭୂମିକୁ ରକ୍ତତୀର୍ଥରେ ପରିଣତ କଲା । ଭାରତରେ ଇରମର ନୃଶଂସ ଗୁଳିକାଣ୍ଡରୁ ଦ୍ୱିତୀୟ ଜାଲିଓ୍ୱାନାଓ୍ୱାଲାବାଗ  ବୋଲି କୁହାଯାଏ । ବାଞ୍ଛାନିଧିଙ୍କ ଉଦ୍ୟମରେ ସେ ଦିନର ସଭା ମଣ୍ଡନ କରିଥିଲେ ଡ଼ଃ ହରେକୃଷ୍ଣ ମହତାବ, ଗୋପବଂଧୁ ଗୌଧୁରୀ ଓ ନବକୃଷ୍ଣ ଚୌଧୁରୀଙ୍କ ଭଳି ଉତ୍କଳର ବରେଣ୍ୟ ନେତୃବୃନ୍ଦ । ସେହି ସମୟରୁ ସେଠାରେ ଯେଉଁ ଜାତୀୟ ଚେତନାର ସ୍ରୋତ ପ୍ରବାହିତ ହୋଇଥିଲା ତାହା କ୍ରମେ ପ୍ରଖରତର ହେଇ ଉଠିଲା । ଲବଣ ସତ୍ୟାଗ୍ରହ ବେଳେ ମଧ୍ୟ ସେ ଅଂଚଳରେ ସମୁଦ୍ର କୂଳରେ ଲୁଣ ମାରା ଯାଇଥିଲା । ସେହି ଇରମ ମାଟିର ପୁତ୍ର  ବାଞ୍ଛାନିଧି ଉତ୍କଳର ଅନ୍ୟତମ ବରପୁତ୍ରରେ ପରିଣତ ହେଲେ । ତାଙ୍କରି ଲେଖନୀ ନିସୃତ ରଚନାବଳୀ ଓଡ଼ିଶାରେ ଜନଜାଗରଣ ଓ ଜାତୀୟ ଚେତନା ସୃଷ୍ଟି କରିଥିଲା । ଲବଣ ତୀର୍ଥ ଇଂଚୁଡ଼ି ସମୟ ଭାରତରେ ଲବଣ ସତ୍ୟାଗ୍ରହରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା  । ସେଠାରେ ନିଆଁରେ ବିଶେଶୀ ବସ୍ତ୍ର ପୋଡ଼ା ଯାଇଥିବା ଜଣେ ସତ୍ୟାଗ୍ରହୀ ବାଞ୍ଛାନିଧିଙ୍କ ସଂଗୀତ ଗାଇ ଗାଇ ଭାବ ବିହ୍ୱଳ ହୋଇ ନିଆଁକୁ ଡ଼େଇଁ ପଡ଼ିଥିଲେ ସେତେବେଳେ ଅନେକ ଯୁବକ ବାଞ୍ଛାନିଧିଙ୍କର ଭାବୋଦ୍ଦୀପକ ଅଗ୍ନିମୟ ସଂଗୀତରେ ଉଦ୍‌ବୃଦ୍ଧ ହୋଇ ଜାତୀୟ ଆନ୍ଦୋଳନରେ ଯୋଗଦେଇଥିଲେ । ତାଙ୍କରି ନିସୃତ ସଂଗୀତ ଲୋକଙ୍କୁ ମତାଇ ଦେଇଥିଲା, ତତାଇ ଦେଇଥିଲା । ଫଳରେ ଅନେକ ଯୁବକ ଘରଦ୍ୱାର ଛାଡ଼ି ଦେଶ ପାଇଁ କାରାବରଣ କରିଥିଲେ । ସେଦିନ ଉତ୍କଳମଣି ଯାହା କହିଥିଲେ-

ଜାତୀୟ କବି ତରୀ ଇରମରେ
ଭାସି ଯିବ ଦିନେ ଦେଶ ଦେଶାନ୍ତରେ ।

ତାହା କବି ବାଞ୍ଛାନିଧିଙ୍କ ପାଇଁ ବାସ୍ତବରେ ପରିଣତ ହେଲା ।

ଶତ ଶତ ଓଡ଼ିଆ ପ୍ରାଣର ବେଦନାକୁ କବି ଯେପରି ଭାବରେ ରୂପ ଦେଇଥିଲେ ତାହା ବାସ୍ତବିକ ଅନନ୍ୟ । ଆଜି ମଧ୍ୟ ଓଡ଼ିଆ ଜାତିର ପ୍ରାଣରୁ ସେହି ବେଦନାର ଦୁଃଖ ଦୂରୀଭୂତ ହୋଇନାହିଁ । ନିଛକ ସତ୍ୟ କବି ତାଙ୍କ ସଂଗୀତ

ରେ ଲେଖିଯାଇଛନ୍ତି–

ସ୍ୱରାଜ୍ୟ ସ୍ୱରୂପ ବେଗେ ଆସେ ଚାଲିରେ
ସ୍ୱାଧୀନ ହେବା ଆମ ହେଇ କାଲିରେ
ଆମେ ସବୁ ମନ୍ତ୍ରୀ ହେବା, ଦେଶୀ ଲୋକ ବଛା ବଛା
ସିଭିଲିଆନ୍ ସେକ୍ରେଟେରୀ ଆମ ତଳକୁ ଜଣକ ପିଛା ।

ଆଜି ଆମ ଦେଶ ସ୍ୱାଧୀନ । ନିଜ ଲୋକ ମନ୍ତ୍ରୀ । ତଥାପି ଜନତା ନ୍ୟାୟ ପାଇପାରୁ ନାହାନ୍ତି । ତତ୍କାଳୀନ ପୃଷ୍ଠଭୂମିରେ କବି ବାଞ୍ଛାନିଧିଙ୍କ ମର୍ମସ୍ପର୍ଶୀ ଆବେଦନ ଅସୀମ ଉନ୍ମାଦନା ଓ ଉତ୍ତେଜନା ସୃଷ୍ଟି କରୁଥିଲା । ସେ ବାସ୍ତବରେ ଥିଲେ ଦୂରଦ୍ରଷ୍ଟା ଓ ବହୁଦର୍ଶୀ ସ୍ରଷ୍ଟା ।

**ସଭାପତି, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘ**
**ନୂଆ ବଜାର, ଭଦ୍ରକ**